ଆଜି ଭିସ୍ୟୁଟ୍‌ର ୧୮ତମ ସମାବର୍ତ୍ତନ ଉତ୍ସବ

୧୩୦୬ ଛାତ୍ରଛାତ୍ରୀଙ୍କୁ ମିଳିବ ଡିଗ୍ରୀ, ୩୫ ମେଧାବୀଙ୍କୁ ସ୍ୱର୍ଣ୍ଣ ପଦକ

ବୁର୍ଲା,୨୦।୧୧ (ଆପ୍ର): ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସ୍ୟୁଟ୍)ର ୧୮ତମ ସମାବର୍ତ୍ତନ ଉତ୍ସବକୁ ନେଇ ପ୍ରସ୍ତୁତି ତୁଡ଼ାନ୍ତ ହୋଇଥିବାବେଳେ ଶେଷ ମୁହୂର୍ତ୍ତରେ ଅତିଥିଙ୍କ ଗସ୍ତକୁ ନେଇ ପରିବର୍ତ୍ତନ ହୋଇଛି। ଅନିବାର୍ଯ୍ୟ ପରିସ୍ଥିତି ଯୋଗୁ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ପାରିବେ ନାହିଁ। ଏନେଇ ୨୦ ତାରିଖ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ରାଜ୍ୟପାଳଙ୍କ ଅନୁପସ୍ଥିତିରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ଦୀପକ କୁମାର ସାହୁ ଅଧ୍ୟକ୍ଷତା କରିବା ସହ କାର୍ଯ୍ୟକ୍ରମ ପରିଚାଳନା କରିବେ। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ନଭେମ୍ବର ୨୧ ତାରିଖ ପୂର୍ବାହ୍ନ ୧୦ଟାରେ ବିଶ୍ୱବିଦ୍ୟାଳୟ ପରିସରସ୍ଥ ସାର୍ ବିଶ୍ୱେଶ୍ୱରାୟ ଅଡିଟୋରିୟମ୍‌ରେ ଉତ୍ସବ ଅନୁଷ୍ଠିତ ହେବ।

ଆସିବେନି ରାଜ୍ୟପାଳ, ଅଧ୍ୟକ୍ଷତା କରିବେ କୁଳପତି

ଚଳିତ ସମାବର୍ତ୍ତନ ଉତ୍ସବରେ ବିଭିନ୍ନ ଶୈକ୍ଷିକ ବିଭାଗର ମୋଟ ୧ ହଜାର ୩୦୬ ଜଣ ଛାତ୍ରଛାତ୍ରୀଙ୍କୁ ସ୍ନାତକ, ସ୍ନାତକୋତ୍ତର ଓ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯିବ। ଏଥିସହ ଶୈକ୍ଷିକ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ୨୭ଟି ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ ଓ ୮ଟି ଦାତା ସ୍ୱର୍ଣ୍ଣ ପଦକ ମିଶାଇ ମୋଟ ୩୫ଟି ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯିବ। ସେହିପରି ୩୦ ଜଣଙ୍କୁ ମେରିଟ୍ ସାର୍ଟିଫିକେଟ୍ ଦେଇ ସମ୍ମାନୀତ କରାଯିବ। ଡିଗ୍ରୀ ପ୍ରଦାନ କ୍ଷେତ୍ରରେ ପିଏଚ୍‌ଡିରେ ୩୯ ଜଣ, ଏମ୍.ଟେକ୍‌ରେ ୧୧୪ ଜଣ, ଏମ୍‌ସିଏରେ ୩୪ ଜଣ, ଏମ୍.ଏସ୍‌ସିରେ ୫୪ ଜଣ, ଇଣ୍ଟିଗ୍ରେଟେଡ୍ ଏମ୍.ଏସ୍‌ସିରେ ୩୩ ଜଣ, ବି.ଟେକ୍‌ରେ ୧ ହଜାର ୨୧ ଜଣ, ବି.ଆର୍କରେ ୧୦ ଜଣ ଏବଂ ଇଣ୍ଟିଗ୍ରେଟେଡ୍ ବି.ଟେକ୍ ଓ ଏମ୍.ଟେକ୍ ଡୁଆଲ୍ ଡିଗ୍ରୀରେ ଜଣେ ଛାତ୍ରଛାତ୍ରୀ ଡିଗ୍ରୀ ହାସଲ କରିବେ। ତାଲିକାରେ ବି.ଟେକ୍ ଛାତ୍ରଛାତ୍ରୀଙ୍କ ସଂଖ୍ୟା ସର୍ବାଧିକ ରହିଛି।

ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର ଯୋଗଦେବେ। ସେ ସମାବର୍ତ୍ତନ ଅଭିଭାଷଣ ପ୍ରଦାନ କରି ସ୍ନାତକ ଛାତ୍ରଛାତ୍ରୀଙ୍କୁ ଉତ୍କର୍ଷତା ହାସଲ, ନୂତନ ଉଦ୍ଭାବନ ଓ ଗବେଷଣାକୁ ଗୁରୁତ୍ୱ ଦେବା ସହ ଦେଶ ଓ ସମାଜର ବିକାଶରେ ନିଜର ଅବଦାନ ରଖିବାକୁ ଆହ୍ୱାନ ଦେବେ। କୁଳପତି ପ୍ରଫେସର ଡ. ଦୀପକ କୁମାର ସାହୁ ସ୍ୱାଗତ ଭାଷଣ ସହ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ସଫଳତା, ଗବେଷଣା ଓ ପ୍ରାତିଷ୍ଠାନିକ ବିକାଶ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିବେ।